
# ୨୪

# ଏକତା ଓ ବିଭିନ୍ନତା
# UNITY AND DIDERSITY

ଏହି ଅଧ୍ୟାୟରେ ଆମେ ଭାରତୀୟ ସମାଜରେ ଥିବା ବିଭିନ୍ନ ଲକ୍ଷଣଗୁଡିକୁ ଅଧ୍ୟୟନ କରିବା । ଏଥିପାଇଁ ତୁମେ କେତେକ ଶବ୍ଦ ଯଥା- ସାଂସ୍କୃତିକ ଏବଂ ଜାତୀୟ ଏକତା, ବିବିଧତା ବା ବିଭିନ୍ନତା, ବହୁବାଦୀ ବା ବହୁବଚନାନ୍ତ (Pluralism), ଜାତୀୟ ସଂହତି ଇତ୍ୟାଦି ସମ୍ବନ୍ଧରେ ଜାଣିବା ଉଚିତ । ଭାରତ ହେଉଛି ଏକ ବିଶାଳ ଦେଶ ଯାହାର ଭୌଗୋଳିକ ସୀମା ୩୨୮୭୨୬୩ ବର୍ଗ କିଲୋମିଟର ଏବଂ ଜନସଂଖ୍ୟା ୧୨୦କୋଟିରୁ ଅଧିକ । ସାରା ପୃଥିବୀକୁ ଗୋଟିଏ ପରିବାର ଅର୍ଥାତ "ବସୁଧୈବ କୁଟୁମ୍ବକମ୍" ଭାବନାକୁ ସୁଦୃଢ କରିବାରେ ଆମର ଏକ ବିରାଟ ସାଂସ୍କୃତିକ ପରମ୍ପରା (Cultural heritage) ରହିଅଛି । ଏହା ଅନେକ ସମୁଦାୟଗୁଡିକୁ ଏବଂ ସେମାନଙ୍କର ଜୀବନୀ ଶୈଳୀକୁ ବିଭିନ୍ନ ସମୟରେ ଠିକ୍ ଭାବରେ ଖାପ ଖୁଆଇ ଆନ୍ତରିକତା ସହ ଚଳିଆସୁଅଛି । ଆମର ସାଂସ୍କୃତିକ ଐତିହ୍ୟ ଅତ୍ୟନ୍ତ ସମୃଦ୍ଧ । ଏହା ଅନେକଗୁଡିଏ ସମୁଦାୟ ଓ ସେମାନଙ୍କର ଜୀବନଶୈଳୀ ଓ ଆଚାର ବିଚାର ବିଭିନ୍ନ ସମୟରେ ସହ ମେଳ ଖୁଆଇ ଏକ ସୂତ୍ରରେ ବାନ୍ଧି ରଖିପାରିଛି । ଭାରତରେ ପ୍ରସ୍ତର ଯୁଗରୁ ଲୋକମାନେ ବସବାସ କରିଆସୁଛନ୍ତି । ବହୁ ଧର୍ମ ଓ ସମୁଦାୟର ଲୋକମାନେ ଏଠାରେ ସେହି କାଳରୁ ଆସି ବସତି ସ୍ଥାପନ କରି ଆମ ଦେଶର ସାଂସ୍କୃତିକ ଐତିହକୁ ସେମାନଙ୍କ ଅବଦାନ ଦ୍ୱାରା ସମୃଦ୍ଧ କରିପାରିଛନ୍ତି । ଆମର ଏକ ସଭ୍ୟତା ଥିଲା ଯାହାକି ସୈନ୍ଧବ ଗାଙ୍ଗେୟ ସଭ୍ୟତା ନାମରେ ଲୋକପ୍ରିୟ ଥିଲା । ଏହା ଗ୍ରାମ୍ୟ ସଂସ୍କୃତି ଓ ପୌର ସଂସ୍କୃତି ମଧ୍ୟରେ ନିରବଚ୍ଛିନ୍ନତା ରକ୍ଷା କରିଥିଲା । ଆମ ଦେଶ ଭାରତ, ବେଦ (Veda) ଉପନିଶଦ (Upanishad) ଏବଂ କେତେକ ମହାକାବ୍ୟ (Great epics) ମାଧ୍ୟମରେ ଜ୍ଞାନର ଭଣ୍ଡାର ଉପସ୍ଥାପିତ କରିଥିଲା । ଏହା ଅନେକଗୁଡିଏ ଧର୍ମ ଓ ଧାର୍ମିକ ଚିନ୍ତାଧାରାରେ ସମୃଦ୍ଧ । ବିଭିନ୍ନ ଆଦର୍ଶବାଦର (Ideologies) ମୂଳଦୁଆ ପକାଇବା ପାଇଁ ଆମ ଦେଶ ଏକ ଉପଯୁକ୍ତ ବାତାବରଣ ସୃଷ୍ଟି କରିଥିଲା । ଭାରତରେ ଅନେକ ବାହାର ଦେଶମାନଙ୍କରୁ ଆସିଥିବା ଅନେକ ଧର୍ମଗୁଡିକୁ ଆମ ଦେଶ ମାଟିରେ ଆଶ୍ରୟ ଦେଇଛି । ତେଣୁ ଏହି ସମସ୍ତ ଭାବଧାରାକୁ ଆଧାର କରି ଭାରତୀୟ ସମାଜ ନିଜସ୍ୱ ଶୈଳୀରେ ନିଜର ଗୌରବ ବିଶ୍ୱବ୍ୟାପୀ ବିସ୍ତାରିତ କରିବା ସଂଗେ ସଂଗେ ଏକ ସାଂସ୍କୃତିକ ସୌଧ (Cultural Fabric) ଗଢିବାରେ ସକ୍ଷମ ହୋଇପାରିଛି ।



## ଉଦ୍ଦେଶ୍ୟ (Objective)

ଏହି ଅଧ୍ୟାୟଟି ଆମେ ପାଠ କରିବା ପରେ ନିମ୍ନଲିଖିତ ବିଷୟ ସମ୍ବନ୍ଧରେ ଜାଣିପାରିବା ।

- ଭାରତୀୟ ସମାଜର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକର ବର୍ଣ୍ଣନା ।
- ବିଭିନ୍ନ ବିବିଧତାଗୁଡ଼ିକୁ ଭାଷା, ଧର୍ମ, ଆଞ୍ଚଳିକତା, ସଂସ୍କୃତି ଓ ଜାତିର ଭିତ୍ତିରେ ବୁଝିବା ।
- ପ୍ରାଚୀନଯୁଗ, ମଧ୍ୟଯୁଗ ଓ ଆଧୁନିକ ଭାରତର ସାମାଜିକ ଓ ସାଂସ୍କୃତିକ ଏକତାର ପ୍ରକୃତି ।

## ୨୪.୧ ଭାରତୀୟ ସମାଜର ବିଭିନ୍ନ ବୈଶିଷ୍ଟ (Characteristics of Indian Society)

ଆମ ଦେଶ ଭାରତବର୍ଷ ବସ୍ତୁବାଦୀ ବିକାଶକୁ କମ୍ ପ୍ରାଧାନ୍ୟ ଦିଏ ଓ ଆଧାତ୍ମିକତାକୁ (Spiritualism) ଆଧାର କରି ଏକ ପାରମ୍ପାରିକ ସମାଜ (Traditional society) ହିସାବରେ ବେଶ ପରିଚିତ ହୋଇପାରିଛି । ଅବଶ୍ୟ ଏହା କେତେକ ବ୍ୟକ୍ତିବିଶେଷଙ୍କ ମତ । ବର୍ତ୍ତମାନ ସମୟ ଦ୍ରୁତ ଗତିରେ ବଦଳି ଚାଲିଛି ଏବଂ ଆମେ ଗୋଟିଏ ଦୃଢ ଧର୍ମନିରପେକ୍ଷ ଓ ଆଧୁନିକ ଦେଶ ହିସାବରେ ଆଗକୁ ବଢ଼ିଚାଲିଛୁ । ବିନା ଦ୍ୱିଧାରେ କହିବାକୁ ଗଲେ ହିନ୍ଦୁ ଜୀବନ ପ୍ରଣାଳୀ ତା ସହିତ ଏହାର ସହିଷ୍ଣୁତା ଏବଂ ଅହିଂସା ମନୋଭାବ ଆମ ଦେଶକୁ ଏହି ସ୍ତରକୁ ନେଇ ଆସିଛି । ଯଦିଓ କେତେକ ବାହ୍ୟ ଶକ୍ତି ଯଥା ଓ ଇସଲାମ୍, ଖ୍ରୀଷ୍ଟିୟାନ ଧର୍ମଗୁଡ଼ିକ ସହ ପାଶ୍ଚାତ୍ୟ ସମାଜର ପ୍ରଭାବ ଆମ ସମାଜରେ ପଡ଼ିଛି, ତଥାପି ଭାରତୀୟ ଜୀବନ ପ୍ରଣାଳୀ ତାର ପାରମ୍ପରିକ ରୀତିନୀତି ନେଇ ଚାଲିଅଛି ।

ପାରମ୍ପରିକ ହିନ୍ଦୁ ସମାଜ ଜନ୍ମଗତ ପ୍ରସ୍ଥିତି (Ascribed status) ଉପରେ ବିଶ୍ୱାସ କରେ । ଏହା ଉଚ୍ଚନୀଚ କ୍ରମରେ ବିଶ୍ୱାସ କରିଥାଏ । ସେଥିପାଇଁ ଉର୍ଦ୍ଧ୍ୱ ଗତିଶୀଳତା କଷ୍ଟକର ହେବା ସଂଗେ ସଂଗେ ମନ୍ଥର ମଧ ହୋଇଥାଏ । ପୁରୁଷାର୍ଥ (purusharthas) ବ୍ୟବସ୍ଥା (ଜୀବନର ଲକ୍ଷ୍ୟ) ହିନ୍ଦୁ ଜୀବନ ପ୍ରଣାଳୀକୁ ସୂଚାରୁରୂପେ ପରିଚାଳିତ କରିଥାଏ । ସେଗୁଡ଼ିକ ହେଲା ଧର୍ମ (ଧର୍ମନୈତିକ ଆଚରଣ ଓ ବ୍ୟକ୍ତିର କର୍ତ୍ତବ୍ୟ), ଅର୍ଥ (Artha) (ଧନ ସମ୍ପଦର ଆଚରଣକୁ ବୁଝାଏ), କାମ (କାମ ମଣିଷର ଶାରୀରିକ କାମନାର ତୃପ୍ତି ବା ଯୌନ ତୃପ୍ତି) ଏବଂ ମୋକ୍ଷ (Moksha ମୁକ୍ତି ବା ନିର୍ବାଣ) । ହିନ୍ଦୁମାନେ ଚାରୋଟି ଆଶ୍ରମ ବା ମାନବ ଜୀବନର ଚାରୋଟି ସୋପାନ ଉପରେ ବିଶ୍ୱାସ କରିଥାନ୍ତି, ଯାହାକି ଉପରୋକ୍ତ ଚାରୋଟି ଜୀବନର ଲକ୍ଷ୍ୟ ଅଟେ । ହିନ୍ଦୁ ଦର୍ଶନଶାସ୍ତ୍ର ଅନୁଯାୟୀ ଜୀବନକୁ ଚାରିଗୋଟି ଅବସ୍ଥା ବା ଆଶ୍ରମରେ ବିଭକ୍ତ କରାଯାଇଛି । ତାହା ହେଲା- ବ୍ରହ୍ମଚର୍ଯ୍ୟ ଆଶ୍ରମ (ଛାତ୍ରାବସ୍ଥା) ଗୃହସ୍ଥ ଆଶ୍ରମ (ପାରିବାରିକ ଜୀବନ, ଅର୍ଥ ଉପାର୍ଜନ, ଯୌନ ତୃପ୍ତି ଓ ସନ୍ତାନ ସନ୍ତତି ଲାଭ) ବାନପ୍ରସ୍ଥ ଆଶ୍ରମ (ପରିବାରୁ ସମ୍ପୂର୍ଣ୍ଣ ଅଲଗା ନ

ହୋଇ କେବଳ ସାଂସାରିକ ଜଞ୍ଜାଳରୁ ମୁକ୍ତ) ଏବଂ ସନ୍ନ୍ୟାସ (ସଂସାର ତ୍ୟାଗ ଅର୍ଥାତ୍ ସାଂସାରିକ ମୋହମାୟାରୁ ନିଜକୁ ଦୂରେଇ ରଖିବା)

ଏହାଛଡ଼ା ହିନ୍ଦୁମାନଙ୍କର 'ଋଣ'ର ଅବଧାରଣା ରହିଛି । ଋଣ ହିସାବରେ ଈଶ୍ୱରଙ୍କ ଋଣ (ଦେବଋଣ) ସାଧୁ ସନ୍ଥ ଓ ଗୁରୁଜନଙ୍କ ଋଣ (ଗୁରୁଋଣ) ଓ ପିତୃ ପୁରୁଷ ଓ ସମାଜର ଋଣ (ପିତୃ ଋଣ) ଭାବେ ପରିଗଣିତ । ଜଣେ ହିନ୍ଦୁ ତାର ଜୀବନ କାଳ ମଧ୍ୟରେ ଏହିସବୁ ଋଣ ପରିଶୋଧ କରିଥାଏ । ଏହାଛଡ଼ା ହିନ୍ଦୁ ସମାଜରେ କର୍ମତତ୍ତ୍ୱ ହେଉଛି ସାମାଜିକ କ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର, ଯାହାକି ପୁର୍ନଜନ୍ମ ଭାବନାରେ ପରିପୁଷ୍ଟ । ଏହାର ଅର୍ଥ ପୂର୍ବ ଜନ୍ମର କର୍ମର ପ୍ରଭାବ ବର୍ତ୍ତମାନ ଜୀବନରେ ଦେଖାଦେଇଥାଏ ।

ଉପର ଲିଖିତ ବିଷୟବସ୍ତୁଗୁଡିକ ଅଧିକ ଆଦର୍ଶବାଦୀ ପରମ୍ପରା । ଆଜିକାଲି ଏହାର ବ୍ୟବହାର ଖୁବ୍ କମ୍ । ଆଜି ଯଦି ଆମେ ପରମ୍ପରା ଆଡକୁ ଦେଖିବା ଆମେ ଜାଣିବା ଯେ ଏ ପର୍ଯ୍ୟନ୍ତ ଆମ ସମାଜରେ କେତେକ ପାରମ୍ପରିକ ଲକ୍ଷଣ ପ୍ରଚଳିତ । ସେଗୁଡିକ ହେଉଛି ଜୀବନର କେତେକ ଆନୁଷ୍ଠାନିକ ବିଧିବିଧାନ । ଏଗୁଡିକ ଏକ ଅନମନୀୟ ବା କଠୋର (Rigid) ପଦ୍ଧତିରେ ପାଳନ କରାନଯାଇ ବରଂ ନମନୀୟ (Flexible) ପଦ୍ଧତିରେ ହୋଇଥାଏ । ଏହା କେବଳ ହିନ୍ଦୁମାନଙ୍କର ଆନୁଷ୍ଠାନିକ ବିଧି ବିଧାନକୁ (Rituals) ଆବଦ୍ଧ କରି ରଖି ନଥାଏ ବରଂ ଅନ୍ୟାନ୍ୟ ସମୁଦାୟଗୁଡିକୁ ମଧ୍ୟ ପ୍ରସାରିତ ହୋଇଥାଏ । ଏହି ଧର୍ମ ନିରପେକ୍ଷତତ୍ତ୍ୱକୁ ଆଧାରରେ, ସବୁ ଧର୍ମର ମୁଖ୍ୟ ଆନୁଷ୍ଠାନିକ ବିଧି ବିଧାନକୁ ବିଚାରକୁ ନେଇ ଜାତୀୟ ଛୁଟିଦିନ (National Holiday) ଘୋଷଣା କରାଯାଇଥାଏ । ବର୍ତ୍ତମାନ ଆମ ସମାଜରେ ହୋଲି, ଦୀପାବଳୀ, ଦଶହରା, ଇଦ୍, ଇଦ୍-ଉଲ-ଜୁହା, ଗୁଡ୍‌ଫ୍ରାଇଡେ, ଖ୍ରୀଷ୍ଟମାସ, ଗୁରୁନାନକ ଜୟନ୍ତୀ, ମହାବୀର ଜୟନ୍ତୀ, ବୁଦ୍ଧ ପୂର୍ଣ୍ଣିମା ଇତ୍ୟାଦି ସମସ୍ତଙ୍କ ଦ୍ୱାରା ପାଳନ କରାଯାଉଅଛି । ଏଣୁ ଏଠାରେ କୁହାଯାଇପାରେ ଯେ ଜଣେ ନମନୀୟ ଆଧୁନିକ ଭାରତୀୟ, ଏସବୁ ଅନମନୀୟ ବିଷୟବସ୍ତୁକୁ ଗୁରୁତ୍ୱ ନଦେଇ ସମୁଦାୟ ମଧ୍ୟରେ ଆନନ୍ଦରେ ବସବାସ କରିଥାଏ ।

ବର୍ତ୍ତମାନ ଆମ ଦେଶ ଭାରତ ସାରା ପୃଥିବୀରେ ନୃତ୍ୟ, ସଂଗୀତ, ଚଳଚ୍ଚିତ୍ର, କ୍ରୀଡା, ଦର୍ଶନଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର ଇତ୍ୟାଦିରେ ଏକ ପରିଚୟ ସୃଷ୍ଟି କରିଅଛି । ଭାରତନାଟ୍ୟମ, କୁଚିପୁଡି, କଥାକଳୀ, ଓଡ଼ିଶୀ, ମଣିପୁରୀ, ମୋହିନୀଆଟମ୍, କଥକ ଏବଂ ଆହୁରି ଅନେକ ଲୋକନୃତ୍ୟ ଯଥା ଭାଙ୍ଗଡ଼ା ଓ ଗରବା ଇତ୍ୟାଦି ମଧ୍ୟ ପୃଥିବୀ ପ୍ରସିଦ୍ଧ ହୋଇଅଛି ।

ଯୋଗ (Yoga) ଏବଂ ଅନ୍ତର୍ଜ୍ଞାନଲବ୍ଧ ଧ୍ୟାନ (Transcendal Meditation) ବର୍ତ୍ତମାନ ପାଶ୍ଚାତ୍ୟ ଦେଶମାନଙ୍କରେ ବେଶ ସୁପ୍ରଭାବ ପକାଇଛି । ମହର୍ଷି ଯୋଗୀ ଆମେରିକାର ନ୍ୟୁୟର୍କ ଠାରେ ପ୍ରଥମ ବେଦନଗର ତିଆରି କରିଛନ୍ତି । ଆମର ଆୟୁର୍ବେଦ ଚିକିତ୍ସା ଓ ଅନ୍ୟାନ୍ୟ ଔଷଧ ଜାତୀୟ ଉଦ୍ଭିଦ ଓ ସୁଗନ୍ଧଯୁକ୍ତ ଆରୋଗ୍ୟ କାରକ ଚିକିତ୍ସାର (Herbal and



Aromatherapy) ପ୍ରଭାବକୁ ସାରା ପୃଥିବୀ ଗ୍ରହଣ କରିଅଛି । ତେଣୁ ଆମେ ଆମର ଭାରତୀୟ ମହାନତାକୁ ବଜାୟ ରଖି ଏକ ଆଧୁନିକତା ଦୃଷ୍ଟିଭଙ୍ଗୀ (Modern outlook) ଆଡକୁ ଅଗ୍ରସର ହେଉଛୁ । ଆମର ଆଧୁନିକତା ଯେ କେବଳ ପାଶ୍ଚାତ୍ୟ ଜଗତକୁ ଅନୁକରଣ କରି ନୁହେଁ; ବରଂ ଆମେ ଆମର ସ୍ୱଦେଶୀ ପାରମ୍ପରିକ ଦୃଷ୍ଟିଭଙ୍ଗୀ (Indigenous tradition), ଆବେଗମୟ ଭାବେ ବନ୍ଧା ପରିବାର, ଆଧ୍ୟାତ୍ମିକତା ଓ ପରିବର୍ତ୍ତନଶୀଳ ଔଷଧୀ ଇତ୍ୟାଦି ସହ ଆଧୁନିକତାର ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିଛୁ । ଇତିମଧ୍ୟରେ ଛଅଜଣ ଭାରତୀୟ ନୋବେଲ ପୁରସ୍କାର ପାଇ ସାରିଛନ୍ତି । ସେମାନେ ହେଲେ ରବୀନ୍ଦ୍ରନାଥ ଟେଗୋର, ସାର୍ ସି.ଭି. ରମନ୍, ଏସ୍. ଚନ୍ଦ୍ରଶେଖର୍, ମଦର୍ ଟେରେସା, ଏଚ୍.ଜି. ଖୁରାନା ଏବଂ ଅମର୍ତ୍ତ୍ୟ ସେନ । ଏତଦ୍‌ବ୍ୟତୀତ ଆହୁରି ଅନେକ ଭାରତୀୟ ବୁକର (Booker) ପୁରସ୍କାର ପାଇବା ସଂଗେ ସଂଗେ ଅନ୍ୟାନ୍ୟ ଆନ୍ତର୍ଜାତିକ ପୁରସ୍କାର ମଧ୍ୟ ପାଇଛନ୍ତି ।

## ୨୪.୨ ବିଭିନ୍ନତାର ପ୍ରକୃତି ଓ ପରିସର (Nature and Extent of Diversity)

ଭାରତରେ ବିଭିନ୍ନତା; ବର୍ଣ୍ଣ, ଧର୍ମ, ଭାଷା, ଜାତି ଓ ସଂସ୍କୃତି ଆଧାରରେ ଦେଖାଯାଇଥାଏ । ସମାଜଶାସ୍ତ୍ରୀଙ୍କ ମତରେ ଭାରତୀୟ ଏକତା ଉଭୟ ରାଜନୈତିକ-ଭୌଗୋଳିକ ଏବଂ ସାଂସ୍କୃତିକ ଆଧାରରେ ଦେଖାଯାଇଥାଏ । ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତୀୟ ସମାଜର ମୁଖ୍ୟ ବୈଶିଷ୍ଟ । ଗୋଟିଏ ହିସାବରୁ ଜଣାଯାଏ, ଯେ ଭାରତରେ ସର୍ବମୋଟ ୪୬୩୫ଟି ସମୁଦାୟ ଦେଖାଯାଇଥାନ୍ତି । ସେଥିମଧ୍ୟରୁ ୭୫୧ଟି ଅନୁସୂଚିତ ଜାତି ଏବଂ ୪୬୧ଟି ଅନୁସୂଚିତ ଜନଜାତିର ସମୁଦାୟ ଦେଖାଯାଇଥାଏ । ସବୁଠାରୁ ଅଧିକ ଅନୁସୂଚିତ ଜାତି ଉତ୍ତର ପ୍ରଦେଶରେ ଦେଖାଯାଇଥାଏ । ଅନୁସୂଚିତ ଜାତିର ସମୁଦାୟଗୁଡିକ ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ୍ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଇନଥାଏ । ଠିକ୍ ସେହିପରି ଅନୁସୂଚିତ ଜନଜାତିଗୁଡିକ ମଧ୍ୟ ଦିଲ୍ଲୀ, ପଞ୍ଜାବ, ହରିୟାନା, ଚଣ୍ଡିଗଡ, ଗୋଆ ଏବଂ ପଣ୍ଡିଚେରୀ ପ୍ରଦେଶଗୁଡିକରେ ବସବାସ କରନ୍ତି ନାହିଁ । ଏଣୁ ଭାରତର ସବୁପ୍ରଦେଶମାନଙ୍କରେ ଏକ ବିଶାଳ ବିବିଧତା, ସମୁଦାୟଗୁଡିକ ମଧ୍ୟରେ ପରିଲକ୍ଷିତ ହୋଇଥାଏ ।

ଏହା ସମସ୍ତଙ୍କୁ ଭଲ ଭାବେ ଜଣା ଯେ ସିନ୍ଧୁ ଉପତ୍ୟକାର ସଭ୍ୟତା ହେଉଛି ପୃଥିବୀର ଅନ୍ୟାନ୍ୟ ପୁରାତନ ସଭ୍ୟତାଗୁଡିକ ମଧ୍ୟରେ ଅନ୍ୟତମ । ଏହାର କିଛି ଅଂଶ ଏବେ ପାକିସ୍ଥାନରେ ଦେଖିବାକୁ ମିଳେ । ଏଠାରେ ବିଭବଶାଳୀ ଭୌତିକସଂସ୍କୃତି ସହ ଉନ୍ନତ ଧରଣର କଳା, ହସ୍ତଶିଳ୍ପ, ଯୋଜନା ଭିତ୍ତିକ ସହର, ଭୂତଳଗାମୀ ଜଳ ନିଷ୍କାସନ ପ୍ରଣାଳୀ, ପୋତାଶ୍ରୟଯୁକ୍ତ ସହର, କୃଷି ଏବଂ ଧାର୍ମିକ ଅନୁଷ୍ଠାନଗୁଡିକ ଦେଖିବାକୁ ମିଳିଥାଏ । ଏଠାରେ ଆଉ କେତେକ ଲିପି (script) ବିଲୁପ୍ତ ଭାବରେ ଦେଖାଯାଇଥାଏ ଯାହାକି ପଢି ବୁଝିବା ଅତି କଷ୍ଟକର ଅଟେ ।



## ପାଠଗତ ପ୍ରଶ୍ନ (Intext Questions) ୨୪.୧

ଠିକ୍ କିମ୍ବା ଭୁଲରେ ଉତ୍ତର ଦିଅ ।

୧. ସିନ୍ଧୁ ଉପତ୍ୟକା ସଭ୍ୟତାର କିଛି ଅଂଶ ବଙ୍ଗଳା ଦେଶରେ ଦେଖାଯାଏ । ......................

୨. ସର୍ବାଧିକ ଅନୁସୂଚିତ ଜାତି ଉତ୍ତରପ୍ରଦେଶରେ ଦେଖାଯାଆନ୍ତି ।................................

୩. ଭାରତରେ ୬୦୦ ପ୍ରକାରର ଅନୁସୂଚିତ ଜନଜାତି ଦେଖାଯାଇଥାଏ । ..........................

୪. ଭାରତରେ ସବୁଠୁ ବେଶୀ ସମୁଦାୟ ଗୋଷ୍ଠୀ ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ଦେଖାଯାଇଥାଏ । ........................

୫. ସିନ୍ଧୁ ଉପତ୍ୟକା ସଭ୍ୟତାର ପାଣ୍ଡୁଲିପି ଏହା ପୂର୍ବରୁ ପଢାଯାଇଅଛି ।

### ୨୪.୨.୧ ଧର୍ମ (Religion)

ଭାରତରେ ଧାର୍ମିକ ବିଭିନ୍ନତା ଦେଖିବାକୁ ମିଳେ । ଆମ ଦେଶରେ ପ୍ରଧାନତଃ ଆଠ ପ୍ରକାରର ବିଭିନ୍ନ ଧର୍ମୀୟସମୁହ ଦେଖାଯାଏ । ଏଠାରେ ଧାର୍ମିକବିଭିନ୍ନତା ସତ୍ତ୍ୱେ ଧର୍ମୀୟ ଏକତା ରହିଅଛି । ଲୋକସଂଖ୍ୟା ହିସାବରେ ହିନ୍ଦୁମାନେ ଅଧିକ ସଂଖ୍ୟାରେ ବସବାସ କରିଥାନ୍ତି (ପ୍ରାୟ ୮୩% ଭାଗ) ତାଛଡ଼ା ମୁସଲମାନ (୧୧.୮%) ଖ୍ରୀଷ୍ଟିୟାନ (୨.୬%), ଶିଖ (୨%), ବୌଦ୍ଧ (୦.୭%), ଜୈନ (୦.୪%), ଜୋରୋଷ୍ଟ୍ରେରିଆନ ବା ପାର୍ସି (୦.୩%) ଏବଂ ଇହୁଦୀ (୦.୧% ଭାଗ) । ଏହି ଆଠଟି ଧର୍ମୀୟସମୁହ ବ୍ୟତୀତ କେତେକ ଜନଜାତି ସମୁହଗୁଡିକର ନିଜସ୍ୱ ଧର୍ମ ରହିଅଛି । ସେମାନଙ୍କର ନିଜସ୍ୱ ଦେବାଦେବୀ ଓ ଆନୁଷ୍ଠାନିକ ବିଧିବିଧାନ ମଧ୍ୟ ରହିଅଛି । ଏହି ଆଠଟି ମୁଖ୍ୟ ଧର୍ମଗୁଡିକ ମଧ୍ୟରୁ ହିନ୍ଦୁଧର୍ମ, ଶିଖଧର୍ମ, ବୌଦ୍ଧଧର୍ମ ଓ ଜୈନଧର୍ମଗୁଡିକ ସ୍ୱଦେଶୀ (Indigenous) ଧର୍ମ ହୋଇଥିବା ସ୍ଥଳେ ଇସଲାମ୍, ଖ୍ରୀଷ୍ଟିୟାନ୍, ଜୋରୋଷ୍ଟ୍ରେରିଏନ୍ ଓ ଇହୁଦୀ ଧର୍ମଗୁଡିକ ଭାରତକୁ ଅନ୍ୟ ଦେଶମାନଙ୍କରୁ ଆସିଅଛି । ଏହି ଆଠଟି ମୁଖ୍ୟ ଧର୍ମଗୁଡିକ ପୁଣି ଆହୁରି କେତେକ ଧର୍ମ ସମ୍ପ୍ରଦାୟରେ (Sect) ବିଭକ୍ତ ହୋଇଅଛି ।

ହିନ୍ଦୁମାନେ, ସାଧାରଣତଃ ଅନେକ ଦେବାଦେବୀ ପୂଜାର୍ଚ୍ଚନା କରିଥାନ୍ତି । ବାସ୍ତବରେ ଚାରି ପ୍ରକାର ପୂଜକ ଦେଖାଯାଇଥାନ୍ତି- ଯଥା ବୈଷ୍ଣବ (Vaishnav) (ବିଷ୍ଣୁ ପୂଜକ), ଶୈବ (Shaivite ଶିବପୂଜକ), ଶାକ୍ତ (Sakta ମା' ଶକ୍ତି ବା କାଳୀ, ଦୁର୍ଗା ପୂଜକ) ଏବଂ ସ୍ମାରତା (Smarta ଉପରୋକ୍ତ ତିନି ଦେବାଦେବୀଙ୍କ ପୂଜକ) । ଏତଦ୍‌ବ୍ୟତୀତ ଧର୍ମମତ ବା ଧର୍ମ ପଦ୍ଧତି ଗୁରୁସେବା ବା ସନ୍ଥସେବା ହିନ୍ଦୁମାନଙ୍କ ମଧ୍ୟରେ ବହୁଳ ଭାବରେ ଦେଖାଯାଏ । ସେମାନଙ୍କ ମଧ୍ୟରେ ଶିବାନନ୍ଦ, ଚୀନ୍ମୟାନନ୍ଦ, ଆନନ୍ଦମୟୀ ଅନ୍ୟତମ । ବ୍ରହ୍ମସମାଜ ଏବଂ ଆର୍ଯ୍ୟସମାଜ ମଧ୍ୟ



ହିନ୍ଦୁ ଧର୍ମର ଏକ ବିଶେଷ ଅଂଶ । ଏହିପରି ଭାବରେ କୁହାଯାଏ ଯେ ହିନ୍ଦୁ ଧର୍ମ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଏକ ମୋଟା ଚଦର ତଳେ ରଖିଅଛି ।

ମୁସଲମାନ୍‌ମାନେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ଯଥା- ସୁନ୍ନୀ ଓ ସିହା । ଏଥିମଧ୍ୟରୁ ସୁନ୍ନୀମାନେ ଆମ ଦେଶ ଭାରତରେ ଅଧିକାଂଶ ସଂଖ୍ୟାରେ ଦେଖାଯାଆନ୍ତି । ଠିକ୍ ସେହିପରି ଖ୍ରୀଷ୍ଟିୟାନ୍‌ମାନେ ମଧ୍ୟ ଦୁଇ ଭାଗରେ ଦେଖାଯାଇଥାନ୍ତି । କେଥୋଲିକ୍ସ (Catholics) ଏବଂ ପ୍ରୋଟେଷ୍ଟେଣ୍ଟ (Protestants) । ପୁନଶ୍ଚ, ବୌଦ୍ଧଧର୍ମ ଦୁଇଭାଗରେ ବିଭକ୍ତ : ମହାଯାନ ଓ ହୀନଯାନ ଯାହାକି ବିଭିନ୍ନତାର ତତ୍ତ୍ୱ ଉପରେ ପର୍ଯ୍ୟବେସିତ । ଜୈନମାନେ ମଧ୍ୟ ଦୁଇଭାଗରେ ବିଭକ୍ତ : ଦିଗମ୍ବର (ବିନା ବସ୍ତ୍ରର) ଏବଂ ଶ୍ୱେତାମ୍ବର (ଶ୍ୱେତ ବସ୍ତ୍ରର) । ଉଭୟ ବୌଦ୍ଧଧର୍ମ ଓ ଜୈନଧର୍ମ; ବ୍ରାହ୍ମଣମାନଙ୍କର ଆଧିପତ୍ୟ ଓ ଜାତି ବ୍ୟବସ୍ଥାକୁ ବିରୋଧ କରି ଜନ୍ମ ନେଇଥିଲା । ପାର୍ସିମାନେ ଏବଂ ଇହୁଦୀମାନେ ଭାରତରେ ଖୁବ୍ କମ୍ ସଂଖ୍ୟାରେ ଦେଖାଯାଆନ୍ତି । ପାର୍ସିମାନେ ମୁଖ୍ୟତଃ ମହାରାଷ୍ଟ୍ର ଏବଂ ଗୁଜରାଟ ପ୍ରଦେଶରେ ବସବାସ କରନ୍ତି ଏବଂ ଦେଶର ଶିଳ୍ପ ବିକାଶରେ ଏମାନଙ୍କ ଅବଦାନ ଅତୁଳନୀୟ । ଉଦାହରଣ ସ୍ୱରୂପ ଟାଟା କମ୍ପାନୀ ସମୁହ ଓ ଗୋଦରେଜ କମ୍ପାନୀର ପ୍ରତିଷ୍ଠାତା । ଇହୁଦୀମାନେ ମୁଖ୍ୟତଃ ମହାରାଷ୍ଟ୍ର ଏବଂ କେରଳ ରାଜ୍ୟରେ ଦେଖାଯାଇଥାନ୍ତି । ଶିଖଧର୍ମ ପଞ୍ଜାବରେ ଦେଖାଯାଏ । ଦେଶ ବିଭାଜନ ହେବା ପରେ ଶିଖମାନେ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବରେ ବସବାସ କଲେ । ସେମାନଙ୍କର ଧର୍ମପୀଠ ଗୁରୁଦ୍ୱାର ଏବଂ ଲଙ୍ଗର୍ (ବିନା ମୂଲ୍ୟରେ ସମସ୍ତଙ୍କ ପାଇଁ ଖାଦ୍ୟ), ଶିଖ ଧର୍ମର ଉଦାରତା ବା ମହାନତା ବୋଲି କୁହାଯାଏ । ଗୁରୁଦ୍ୱାରଗୁଡିକ ଭାରତରେ ପ୍ରତ୍ୟେକ ଛୋଟବଡ଼ ସହର ଓ ବଡ଼ବଡ଼ ଗାଁମାନଙ୍କରେ ଦେଖାଯାଇଥାଏ ।

### ୨୪.୨.୨ ଭାଷା (Language)

ଭାରତରେ ଭାଷାଗତ ବିବିଧତା ବେଶ ପରିଚିତ ଅଟେ । ଆମ ଦେଶରେ ଅନେକଗୁଡିଏ ଭାଷା ବା ଉପଭାଷା ଦେଖାଯାଇଥାଏ । ଆମ ଦେଶରେ ସାଧାରଣତଃ ୫୪୪ଟି ଭାଷା ବ୍ୟବହାର ହୋଇଥାଏ । କେତେକ ଭାଷାର ନିଜସ୍ୱ ଲିପି ନାହିଁ । ବର୍ତ୍ତମାନ ଭାରତରେ ପାଞ୍ଚୋଟି ଭାଷାଗତ ପରିବାର ଦେଖାଯାଇଥାଏ । ସେଗୁଡିକ ହେଲା -ଆଣ୍ଡମାନିଜ୍ (Andamanese), ଅଷ୍ଟ୍ରୋ-ଏସିଏଟିକ୍ (Austro-Asiatic), ଦ୍ରାବିଡିଏନ୍ (Dravidian), ଇଣ୍ଡୋ-ଆର୍ଯ୍ୟ ଭାଷା (Indo-Aryan) ବା (Dardic), ଏବଂ ତିବୋତୋ- ବରମାନ ଭାଷା (Tibeto-Burman) । ସଂସ୍କୃତ ଭାଷା ହେଉଛି ଭାରତର ସର୍ବ ପୁରାତନ ଓ ଏକ ପ୍ରଧାନ ଭାଷା । ଏହା ଭାରତରେ ପ୍ରଚଳିତ ସମସ୍ତ ଭାଷାଗୁଡିକୁ ପ୍ରଭାବିତ କରିଅଛି । ଯେତେବେଳେ ଜଣେ ବ୍ୟକ୍ତି କୌଣସି ଆଧୁନିକ ଭାରତୀୟ ଭାଷାକୁ ଅଧ୍ୟୟନ କରେ ସେ ନିଶ୍ଚିତ ଭାବରେ କିଛିନା କିଛି ସଂସ୍କୃତର ଶବ୍ଦ ପାଇପାରିବ । ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀ ଅନୁଯାୟୀ ଏଠାରେ ୨୨ (ବାଇଶଟି) ବିଭିନ୍ନ ଭାଷା ସରକାରୀ ଭାଷା ରୂପେ ସ୍ୱୀକୃତିପ୍ରାପ୍ତ ହୋଇଛି । ସେଗୁଡିକ ହେଲା-

ଆସାମୀ, ବଙ୍ଗାଳୀ, ଇଂରାଜୀ, ଗୁଜୁରାତି, ହିନ୍ଦି, କନ୍ନଡ, କାଶ୍ମୀରି, କୋଙ୍କଣୀ, ମାଲାୟାଲାମ, ମଣିପୁରୀ, ମରାଠୀ, ନେପାଳୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସିନ୍ଧି, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ ଇତ୍ୟାଦି । ଏହାଛଡ଼ା ସରକାରୀ ସ୍ତରରେ ହିନ୍ଦି, ଇଂରାଜୀ ଏବଂ କୌଣସି ଏକ ଆଞ୍ଚଳିକ ଭାଷାକୁ ନେଇ ଏକ "ତ୍ରିଭାଷୀ ସୂତ୍ରରେ" (ତିନିଗୋଟି ଭାଷାକୁ ମିଶି) ମଧ୍ୟ ବ୍ୟବହାର ହୋଇଥାଏ । ହିନ୍ଦୀ ଭାଷା ହେଉଛି ଭାରତର ମୁଖ୍ୟ ଭାଷା ଯାହାକି ୪୩% ଲୋକଙ୍କ ଦ୍ୱାରା ବ୍ୟବହାର ହୋଇଥାଏ । ଏହାପରେ ବଙ୍ଗାଳୀ, ତେଲୁଗୁ, ଏବଂ ମରାଠୀ (ପ୍ରତ୍ୟେକ ୮% ଲେଖାଏଁ) ତାମିଲ ଓ ଉର୍ଦ୍ଦୁ (୬% ଲେଖାଏଁ) ଗୁଜୁରାତୀ (୫%), ମାଲାୟାଲାମ, କନ୍ନଡ ଓ ଓଡ଼ିଆ (ପ୍ରତ୍ୟେକ ୪% ଲେଖାଏଁ) ପଞ୍ଜାବୀ (୩%) ଏବଂ ଅନ୍ୟାନ୍ୟ ଭାଷା ଯଥା ଅସମୀୟ ଓ କାଶ୍ମୀରି ଭାଷା (ପ୍ରତ୍ୟେକ ୧% ଲେଖାଏଁ) ମଧ୍ୟ ବ୍ୟବହାର ହୋଇଥାଏ ।

### ୨୪.୨.୩ ଜାତି (Caste)

ଭାରତରେ ଜାତି ବ୍ୟବସ୍ଥା ହେଉଛି ଅନନ୍ୟ (ଅଦ୍ୱିତୀୟ) ଯାହାକି ମୁଖ୍ୟତଃ ହିନ୍ଦୁମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହା ବୈଦିକ ଯୁଗରେ (ଖ୍ରୀଷ୍ଟପୂର୍ବ ୧୫୦୦ରୁ ୧୦୦୦) ବର୍ଣ୍ଣ ବ୍ୟବସ୍ଥାରୁ ହିଁ ଆରମ୍ଭ ହୋଇଥିଲା । ଚାରିଗୋଟି ବର୍ଣ୍ଣ ହେଲା- ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଏବଂ ଶୁଦ୍ର । ସେଗୁଡିକ ସେମାନଙ୍କର ବୃତ୍ତି ଅନୁଯାୟୀ ମୁଖ୍ୟତଃ ଚାରିସ୍ତରରେ ବିଭକ୍ତ ହୋଇଥାନ୍ତି । ହିନ୍ଦୁ ସମାଜରେ ବିଶୁଦ୍ଧତା ଓ ଅବିଶୁଦ୍ଧତା ବା ଅପବିତ୍ରତା ହେଉଛି ବର୍ଣ୍ଣ ବ୍ୟବସ୍ଥାର ମୂଳ ଭିତ୍ତି ଯାହାକି ସବୁ କ୍ଷେତ୍ରରେ ଅନୁଭୂତ ହୋଇଥାଏ ଯଥା- ବୃତ୍ତି, ଖାଦ୍ୟପେୟ, ପୋଷାକପତ୍ର ଏବଂ ଭାଷା ଇତ୍ୟାଦି (ଯାହାକି ତୁମେ ବିସ୍ତୃତ ଭାବରେ ପର ସୂଚୀରେ ପଢିବ) । ବୈଦିକ ଯୁଗର ଶେଷଭାଗରେ ଅଛୁଆଁ (Untouchability) ଶବ୍ଦଟିର ବ୍ୟବହାର ଆଦୌ ନଥିଲା ଯାହାକି ପରବର୍ତ୍ତୀ ସମୟରେ (ଖ୍ରୀଷ୍ଟପୂର୍ବ ୧୦୦୦) ବ୍ୟବହୃତ ହେଲା । ପରେ ବୃତ୍ତିଗତ ବିବିଧତା ବିଭିନ୍ନ ଜାତିକୁ ଜନ୍ମ ଦେଲା । ବର୍ତ୍ତମାନ ଆମ ଦେଶରେ ୩୫୦୦ରୁ ଊର୍ଦ୍ଧ୍ୱ ଜାତି ଦେଖାଯାଇଥାନ୍ତି ଓ ସେମାନଙ୍କ ମଧ୍ୟରୁ ୭୫୧ଟି ଅନୁସୂଚିତ ଜାତି ସମୁଦାୟର । ଯଜମାନୀ (Jajmani) ହେଉଛି ଏକ ଅନୌପଚାରିକ, ପାରମ୍ପରିକ ବ୍ୟବସ୍ଥା ଯାହାକି ଭାରତୀୟ ଜାତି ବ୍ୟବସ୍ଥାକୁ ସହଯୋଗ କରିଥାଏ । ଯଜମାନୀ ବ୍ୟବସ୍ଥା ସାମାଜିକ ସ୍ଥିତିରେ ଏକ ମୂଳଭିତ୍ତି । ଏହାର ଅର୍ଥ ହେଲା ଜାତି ଜାତି ମଧ୍ୟରେ ଜିନିଷପତ୍ର ଓ ସେବାର ବିନିମୟ । ଏହା ଏକ (ପୃଷ୍ଠପୋଷକ-ଗ୍ରାହକ) (Patron-client) ସମ୍ପର୍କ ଉପରେ ଆଧାରିତ । ମୁରବୀ ଜଣକ ଯଜମାନ ହିସାବରେ ସମାଜରେ ପରିଚିତ ହୋଇଥାଏ ଯେ କି ଜଣେ ଜମିଦାର ବା ଜମି ମାଲିକ । ଅନ୍ୟପକ୍ଷରେ ମହକିଲ ବା ଗ୍ରାହକଙ୍କୁ କାମିନ୍ ବୋଲି କୁହାଯାଏ । କାମିନ୍ ଜଣକ ଯଜମାନଙ୍କୁ ସେବା ଯୋଗାଇଥାଏ ଏବଂ ତାହା ବଦଳରେ ସେ ଖାଦ୍ୟଶସ୍ୟ (ଧାନ, ଗହମ, ଚାଉଳ), ଖାଦ୍ୟଦ୍ରବ୍ୟ, ପୋଷାକପତ୍ର, ଅର୍ଥ ଆଦି ସାହାଯ୍ୟ ପାଇଥାଏ । କିନ୍ତୁ ବର୍ତ୍ତମାନ ଯଜମାନୀ ବ୍ୟବସ୍ଥା ଧୀରେ ଧୀରେ ବଜାର ଅର୍ଥନୀତିର (Market Economy) ପ୍ରଭାବ ଯୋଗୁଁ ଦୂରେଇ ଯାଉଛି । ଆଜିକାଲି ସହରାଞ୍ଚଳରେ ଜାତି ବ୍ୟବସ୍ଥାର ନିୟମାବଳୀରେ ଅନେକ ପରିବର୍ତ୍ତନ ଦେଖାଯାଉଅଛି ।



## ପାଠଗତ ପ୍ରଶ୍ନ ୨୪.୨ (Intext Questions)

୧. ଭାରତର କେତେ ପ୍ରକାର ଧର୍ମ ଦେଖାଯାଏ ? ........................................................
........................................................................................................

୨. ହିନ୍ଦୁମାନଙ୍କୁ କାହିଁକି ସର୍ବାଧିକ ସଂଖ୍ୟାର ସମୁଦାୟ ବୋଲି କୁହାଯାଏ ? ........................
........................................................................................................

୩. ଭାରତୀୟ ସମ୍ବିଧାନର ଅଷ୍ଟମ ପରିଚ୍ଛେଦ ଅନୁଯାୟୀ କେତୋଟି ଭାଷା ଅଛି ? ...............
........................................................................................................

୪. ଭାରତରେ କେତେ ପ୍ରକାର ବର୍ଣ୍ଣ ଦେଖାଯାଏ ? ............................................

୫. ଯଜମାନୀ ବ୍ୟବସ୍ଥା କାହାକୁ କୁହାଯାଏ ? ......................................................
........................................................................................................

## ୨୪.୩ ଏକତାର ଇତିହାସ ଓ ପରମ୍ପରା (History and Tradition of Unity)

ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଭାରତୀୟ ସମାଜ ଅନେକ ବିବିଧତା ମଧ୍ୟରେ ଏକତାକୁ ରକ୍ଷା କରି ଏକ ମିଶ୍ରିତ ସଂସ୍କୃତି (Composite culture) ପ୍ରଦର୍ଶନ କରିଆସୁଅଛି । ଏହା ସମ୍ପୂର୍ଣ୍ଣ ଭାବରେ ଭାରତୀୟ ଅଟେ । ଏହା ଏକ ମୁଖ୍ୟ ସ୍ରୋତର ସଂସ୍କୃତି ପ୍ରଦର୍ଶନ କରିଥାଏ । ଏଥିରେ ଅନ୍ୟ ଧର୍ମାନୁଷ୍ଠାନର ଲୋକେ କେବେହେଲେ ହସ୍ତକ୍ଷେପ କରନ୍ତି ନାହିଁ । ସାଂସ୍କୃତିକ ବ୍ୟବସ୍ଥା ରାଜନୈତିକ ବ୍ୟବସ୍ଥା ଠାରୁ ପୂରାପୂରି ଭାବରେ ସ୍ୱାଧୀନତା ବଜାୟ ରଖିଥାଏ । ପୂର୍ବକାଳରେ ଅନେକ ରାଷ୍ଟ୍ର ସେମାନଙ୍କର ଆଞ୍ଚଳିକ ସ୍ତରରେ ବହୁ ସମୟରେ ଯୁଦ୍ଧରେ ମଗ୍ନ ରହୁଥିଲେ । କିନ୍ତୁ ସେମାନେ ଦେଶର ସାଂସ୍କୃତିକ ଏକତାକୁ (cultural unity) ସଦାସର୍ବଦା ବଞ୍ଚାଇ ରଖୁଥିଲେ । ଭାରତର ରାଜନୈତିକ ଏକତା ତାର ଚକ୍ରବର୍ତ୍ତିରାଜା ଏବଂ ଅଶ୍ୱମେଧ ଯଜ୍ଞରୁ ହିଁ ପ୍ରମାଣ ମିଳିଥାଏ । ଅନେକ ରାଜା ସେମାନଙ୍କର ସାମ୍ରାଜ୍ୟ ବଢାଇବାରେ ଲାଗିଥିଲେ । କନିଷ୍କ, ଖାରବେଳ, ଅଶୋକ ଏବଂ ସମୁଦ୍ରଗୁପ୍ତ ଭଳି ଶକ୍ତି ସମ୍ପନ୍ନ ସମ୍ରାଟମାନେ ନିଜ ନିଜ ରାଜ୍ୟଗୁଡିକୁ ସୁରୁଖୁରୁରେ ନିୟନ୍ତ୍ରଣ କରି ରଖିଥିଲେ । ଅଶୋକଙ୍କର ବିଶାଳତା ସମସ୍ତଙ୍କୁ ଜଣା । ସେ ପାଟଳିପୁତ୍ରର ସମ୍ରାଟ ଥିଲେ ଓ କଳିଙ୍ଗ ରାଜ୍ୟ ଜୟ କରିଥିଲେ । କଳିଙ୍ଗ ଯୁଦ୍ଧର ରକ୍ତପାତ ହିଁ ତାଙ୍କୁ ଜଣେ କୃପାଳୁ ବୌଦ୍ଧ ଧର୍ମାବଲମ୍ବୀ ଭାବରେ ଗଢିଥିଲା । ଦାକ୍ଷିଣାତ୍ୟରେ ଚୋଳ, ଚେର, ପାଣ୍ଡ୍ୟା, ରାଷ୍ଟ୍ରକୁଟ, ଚାଲୁକ୍ୟ, ପଲ୍ଲଭ, ବିଜୟନଗର ଓ ଉତ୍ତରରେ ଶୁଙ୍ଗ, ସତବାହନ, କୁଶାଣ, ଗୁପ୍ତା ଓ ଭକଟକ ରାଜ୍ୟମାନେ ସେମାନଙ୍କର ଆଞ୍ଚଳିକ ସଂସ୍କୃତିଗୁଡିକୁ ବଢାଇବରେ ଲାଗିଲେ । ସେମାନଙ୍କ ମଧ୍ୟରୁ ଅନେକ ବହୁତ



ବଡ଼ ବଡ଼ ମନ୍ଦିରର ନିର୍ମାତା ଥିଲେ । ଏଣୁ ସେମାନଙ୍କର ପୃଷ୍ଠପୋଷକତା (patronage) ହେତୁ ଦକ୍ଷିଣ ଭାରତର ମନ୍ଦିର ସ୍ଥପତି (Temple architecture) ବେଶ ସୁନାମ ଅର୍ଜନ କରିଥିଲା ।

ଏହାପରେ, ମଧ୍ୟଯୁଗ ସମୟରେ, ଇସଲାମ୍ ଧର୍ମ ଓ ଭାରତୀୟ ସଂସ୍କୃତି ଭିତରକୁ ପ୍ରବେଶ କଲା । ପଶ୍ଚିମବଙ୍ଗଳା, ବଙ୍ଗଳା, ଲକ୍ଷ୍ନୌ, ହାଇଦ୍ରାବାଦ ସହିତ ଅନେକ ସ୍ଥାନରେ ଇସ୍‌ଲାମ୍ ସଂସ୍କୃତି, ପରମ୍ପରା ଓ ସଂହତିର ପ୍ରମାଣ ଭାରତୀୟ ସଂସ୍କୃତିକୁ ଦେଲା । ଇସଲାମ୍ କୌଣସି ମୂର୍ତ୍ତିପୂଜାରେ ବିଶ୍ୱାସ କରେ ନାହିଁ । ଏହା ଏକ ଏକେଶ୍ୱରବାଦ ଧର୍ମ ଅଟେ । ଇସଲାମ୍‌ଧର୍ମ, ହିନ୍ଦୁ ପରମ୍ପରା ଉପରେ ବିଶେଷତଃ ତିନୋଟି ପର୍ଯ୍ୟାୟରେ ପ୍ରଭାବ ପକାଇଥିଲା । ପ୍ରଥମତଃ (କ) ମୁସଲ୍‌ମାନ ଶାସନକାଳ ମଧ୍ୟରେ (ଖ) ଇଂରେଜ ଶାସନ କାଳରେ ତଥା ୧୯୩୦ ମସିହା ପର୍ଯ୍ୟନ୍ତ ଏବଂ (ଗ) ୧୯୩୦ରୁ ୧୯୪୭ ମସିହା ମଧ୍ୟରେ । ପ୍ରଥମ ପର୍ଯ୍ୟାୟରେ ମୁସଲମାନ୍ ଶାସକମାନେ ହିନ୍ଦୁ ମନ୍ଦିରଗୁଡ଼ିକୁ ଧ୍ୱଂସ କରିବା ସଂଗେ ସଂଗେ ଇସଲାମ୍ ଧର୍ମ ପ୍ରଚାର ଓ ପ୍ରସାର କଲେ ଓ ହିନ୍ଦୁମାନଙ୍କୁ ଇସଲାମ୍ ଧର୍ମରେ ଦୀକ୍ଷିତ କରାଇଲେ । ଏହି ସମୟ ପୁରାପୁରି ଭାବରେ କଳହପୂର୍ଣ୍ଣ ଓ ସାମାଜିକ ଅସ୍ଥିରତା ମଧ୍ୟରେ ସାଂସ୍କୃତିକ ପରିବର୍ତ୍ତନ ଦେଖାଯାଇଥିଲା । ଉଦାହରଣ ସ୍ୱରୂପ; ସୂଫୀଧର୍ମର ହିନ୍ଦୁମାନଙ୍କ ଉପରେ ପ୍ରଭାବ । ଆକବରଙ୍କ ଦିନ-ଇ-ଇଲାହି ଅନେକ ଧର୍ମର ମିଶ୍ରଣରେ ଗଠିତ ହୋଇଥିଲା; ଯାହାକି ଜାତୀୟ ସଂହତିକୁ ଉତ୍ସାହିତ କରିଥିଲା । ଇଂରେଜମାନଙ୍କ ଶାସନ ସମୟରେ ହିନ୍ଦୁମାନଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥିବା ଅନେକ ସଂସ୍କାର ଦେଖାଯାଇଥିଲା । ଇସଲାମ୍ ଧର୍ମ ଉଦାର ପ୍ରବୃତ୍ତି (Liberal tendencies)ଗୁଡ଼ିକୁ ହରାଇ ବସିଲା ଏବଂ ଧୀରେ ଧୀରେ ଏହାର ପରମ୍ପରା ରାଜନୀତିକରଣ ହେବାକୁ ଲାଗିଲା । ପରିଶେଷରେ ତୃତୀୟ ପର୍ଯ୍ୟାୟରେ ସ୍ୱାଧୀନତା ଆନ୍ଦୋଳନ ସମୟରେ ହିନ୍ଦୁଧର୍ମ ଓ ଇସଲାମ୍‌ଧର୍ମ ମଧ୍ୟରେ ତିକ୍ତତା ଦେଖାଦେଲା ଯାହାକି ଗୋଟିଏ ଇସ୍‌ଲାମିକ ରାଜ୍ୟ ଗଠନହୋଇ ପାକିସ୍ତାନ ଜନ୍ମ ନେଲା ।

ଆଧୁନିକ ଯୁଗରେ ଇଂରେଜ ଶାସନ, ପାଶ୍ଚାତ୍ୟ ସଂସ୍କୃତିକୁ ଭାରତକୁ ଆଣିଦେଲା । ବ୍ୟାଙ୍କ ବ୍ୟବସ୍ଥା, ଆଧୁନିକ ଶାସନ ପ୍ରଣାଳୀ, ସାମରିକ ସଂଗଠନ ଏବଂ ଆଧୁନିକ ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ପାଶ୍ଚାତ୍ୟ ଅନୁଷ୍ଠାନଗୁଡ଼ିକରେ ଅନେକ ପରିବର୍ତ୍ତନ ଆଣିଦେଲା । ବାସ୍ତବରେ, ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥା ଭାରତର ଜନସାଧାରଣଙ୍କ ଚିନ୍ତାଧାରାକୁ ବିଶେଷ ଭାବରେ ସେମାନଙ୍କର ବିଜ୍ଞତା ଓ ଧର୍ମନିରପେକ୍ଷତା ପ୍ରବୃତ୍ତିକୁ ପ୍ରଭାବିତ କରିଥିଲା । ପାଶ୍ଚାତ୍ୟ ବିଜ୍ଞାନ, କାରିଗରୀ କୌଶଳ, ଗମନାଗମନ, ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ଭାରତୀୟ ଜୀବନଧାରଣ ପ୍ରଣାଳୀକୁ ମଧ୍ୟ ପ୍ରଭାବିତ କରିଅଛି । ଔଦ୍ୟୋଗୀକରଣ ଓ ବିକାଶର ଚିନ୍ତାଧାରା ଭାରତକୁ ଏକ ଔଦ୍ୟୋଗିକ ରାଷ୍ଟ୍ରରେ ପରିଣତ କରିଅଛି । ଗଣତାନ୍ତ୍ରିକ ସରକାର, ପ୍ରାପ୍ତବୟସ୍କ ମତାଧିକାର, ମାନବ ଅଧିକାର ଇତ୍ୟାଦି ବିଶ୍ୱ ଦରବାରେ ଭାରତ ଏକ ପରିଚୟ ନିଶ୍ଚିତ କରିପାରିଅଛି । ଏଣୁ ପ୍ରାଚୀନ କାଳରୁ ମଧ୍ୟ ଯୁଗ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ ସାଂସ୍କୃତିକ ଏକତାକୁ ସର୍ବଶ୍ରେଷ୍ଠ ପ୍ରାଧାନ୍ୟ ଦେଇ ଆସୁଅଛି ।



## ପାଠଗତ ପ୍ରଶ୍ନ ୨୪.୩

ବନ୍ଧନିରେ ଥିବା ଉପଯୁକ୍ତ ଶବ୍ଦ ମାଧ୍ୟମରେ ଶୂନ୍ୟସ୍ଥାନ ପୂରଣ କର ।

୧. ଭାରତୀୟ ଶାସକମାନେ .............................. କ୍ଷେତ୍ରରେ ହସ୍ତକ୍ଷେପ କରୁନଥିଲେ । (ସାଂସ୍କୃତିକ, ଧାର୍ମିକ, ମନୋସ୍ତାତ୍ତ୍ୱିକ)

୨. ଅଶୋକ ........................କୁ ଜୟ କରିଥିଲେ (ପାଟଳିପୁତ୍ର, କଳିଙ୍ଗ, ବିଜୟ ନଗର)

୩. ଭାରତୀୟ ଆଧୁନିକଶିକ୍ଷା ବ୍ୟବସ୍ଥାରେ..............................ଙ୍କର ପ୍ରଭାବ ପଡିଅଛି ।

୪. ଚୋଳ, ଚେର ଏବଂ ପାଣ୍ଡିୟାନ୍‌ମାନେ ଭାରତର ..................... ଭାଗରେ ଦେଖାଯାଆନ୍ତି । (ଦକ୍ଷିଣ, ଉତ୍ତର, ପୂର୍ବ, ପଶ୍ଚିମ)

## ୨୪.୪ ଏକତାର କାର୍ଯ୍ୟ ପ୍ରକ୍ରିୟା

ଭାରତରେ ଏକତାର ପ୍ରକ୍ରିୟାକୁ ଦୁଇଟି ଦିଗରୁ ବିବେଚନା କରାଯାଇଥାଏ । ଯଥା (କ) ଅବିଚ୍ଛେଦ୍ୟ ଏକତା ବା ଅନ୍ତଃସାର (Unity Inherent) ଏବଂ ଧମକପୂର୍ଣ୍ଣ ଏକତା (Unity threatened) । ଦ୍ୱିତୀୟ ଏକତାଟି ୧୯୪୭ ମସିହା ଭାରତ ଓ ପାକିସ୍ତାନ ବିଭାଜନ ପରେ ଦେଖାଯାଇଥିଲା । ସାମ୍ପ୍ରଦାୟିକ ଶକ୍ତି, ମୌଳବାଦୀ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠିର ଥିବା (Vested interests) ବ୍ୟକ୍ତିବିଶେଷ ଏହି କାର୍ଯ୍ୟ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିଛନ୍ତି । ସାମ୍ପ୍ରଦାୟିକତା ହେଉଛି, ଅନ୍ତଃସମୁଦାୟ ଅସହିଷ୍ଣୁତା ଓ ସନ୍ଦେହର ପରିଣାମ । ଏହିପରି କଳହପୂର୍ଣ୍ଣ ଅବସ୍ଥାଗୁଡିକ ଦେଶ ଗଠନ ପାଇଁ ଆଦୌ ଶୁଭଙ୍କର ନୁହେଁ । ସେଥିପାଇଁ ଏକ ଜନସଚେତନତା କାର୍ଯ୍ୟକ୍ରମ ସଂଗେ ସଂଗେ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯିବା ଉଚିତ୍ ।

ଅନ୍ୟପକ୍ଷରେ ଏକତା ହେଉଛି ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଏକ ମୁଖ୍ୟ କେନ୍ଦ୍ରବିନ୍ଦୁ । ତେଣୁ ଏକତା ତିନିଗୋଟି ମତକୁ ବାନ୍ଧି ରଖିଥାଏ । ଯଥା- ମିଶ୍ରିତ ପାତ୍ର (Melting pot), ସାଂସ୍କୃତିକ ଭିତ୍ତିଭୂମି (Cultural mosaic) ଏବଂ ଏକାଧିକ ସମାଜ (Plural society) ଯାହାକି ପାଶ୍ଚାତ୍ୟ ଭାବନାରୁ ଆସିଅଛି । ଏଠାରେ ମିଶ୍ରିତ ପାତ୍ର ସୂଚିତ କରିଥାଏ ଯଦିଓ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅନେକଗୁଡିଏ ନିଜସ୍ୱ ବା ସ୍ୱାଧୀନ ସଂସ୍କୃତି ଦେଖାଯାଇଥାଏ, ତଥାପି ଗୋଟିଏ ଜାତୀୟ ସଂସ୍କୃତିରେ ସେଗୁଡିକ ମିଶି ଯାଇଥାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ ସେଗୁଡିକ ସବୁ ଗୋଟିଏ ପାତ୍ରରେ ତରଳିଯାଇ ଗୋଟିଏ ରାଷ୍ଟ୍ରର ସୂଚନା ଦେଇଥାନ୍ତି । ଏହାର ଅର୍ଥ ଅନେକ ଗୁଡିଏ ସଂସ୍କୃତି ସେମାନଙ୍କର ବିଭିନ୍ନତାକୁ ଭୁଲି ଗୋଟିଏ ଭାବନା ବା ସୂତ୍ରରେ ଯୋଡି ହୋଇଯାଇଥାନ୍ତି । ଦ୍ୱିତୀୟରେ ସାଂସ୍କୃତିକ ଭିତ୍ତିଭୂମି ଅନେକଗୁଡିଏ ସାଂସ୍କୃତିକ ବିଭିନ୍ନତା ସତ୍ତ୍ୱେ ଗୋଟିଏ ରାଷ୍ଟ୍ରର ପରିଚୟ ଦେଇଥାଏ; ଯାହା ଆମ ଦେଶ ପ୍ରତି ପ୍ରଯୁଜ୍ୟ । କିନ୍ତୁ ସମାଲୋଚକମାନଙ୍କ ମତରେ ଭାରତ ଏକ ସାଂସ୍କୃତିକ

କାର୍ଯ୍ୟାଳୟ ନୁହେଁ, ଯେହେତୁ ଏହା ମୁଖ୍ୟସ୍ରୋତର ସଂସ୍କୃତି ବାହାର କରିପାରିନି । ପରିଶେଷରେ ଏକାଧିକ ସମାଜ (plural society); ଆଦି କାଳରୁ ଚଳି ଆସୁଥିବା ମୌଳିକତା ଯଥା- ଖାଦ୍ୟପଦାର୍ଥର ଅଭ୍ୟାସ, ସଂସ୍କୃତି, ପୋଷାକପତ୍ର, ଭାଷା, ଆଞ୍ଚଳିକତା, ଧର୍ମ ଓ ଏକ ରାଜନୈତିକ ପରିଚୟ ଦେଖିବାକୁ ମିଳିଥାଏ ।

ଭାରତରେ ବିବିଧ ସଂସ୍କୃତି ଥିବା ସତ୍ତ୍ୱେ ଜାତୀୟସ୍ତରରେ ଏହା ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି । ସଂହତିର ପ୍ରକ୍ରିୟା ଆମକୁ ଏକ ଲକ୍ଷ୍ୟସ୍ଥଳ ପାଇଁ ପ୍ରେରଣା ଯୋଗାଇଥାଏ ଯଥା- ଜାତୀୟପ୍ରେମ, ଜାତୀୟ ଭାତୃଭାବ ଇତ୍ୟାଦି । ଭାରତୀୟ ସମାଜରେ ଏକତା ଆଣିବାରେ ସଂସ୍କୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଗୋଟିଏ ବରଗଛର ବିଭିନ୍ନ ଶାଖା ପ୍ରଶାଖା ଭଳି । ବଙ୍ଗାଳୀ ସଂସ୍କୃତି, ଓଡ଼ିଆ ସଂସ୍କୃତି, ଦକ୍ଷିଣ ଭାରତ ସଂସ୍କୃତି ଏବଂ ଅବଧି ସଂସ୍କୃତି (Awadhi Culture) ଇତ୍ୟାଦି ଭାରତୀୟମାନଙ୍କୁ ଏକତାର ମନ୍ତ୍ରରେ ବାନ୍ଧି ରଖିଅଛି ।

ବର୍ଷ ବର୍ଷ ଧରି ଭାରତ ଶାନ୍ତିପୂର୍ଣ୍ଣ ଭାବେ ଅନେକ ଧର୍ମର ସମନ୍ୱୟ ରକ୍ଷା କରିପାରିଛି । ସମାଜଶାସ୍ତ୍ରବିତ୍‌ମାନଙ୍କ କେତେକ ଗ୍ରାମ୍ୟ ଅନୁଧ୍ୟାନରୁ ଜଣାପଡେ ଯେ ମୁସଲମାନ୍‌ମାନେ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଗ୍ରାମାଞ୍ଚଳରେ ବେଶ୍ ଭାଗିଦାର ହୋଇଥାନ୍ତି । ଉଦାହରଣ ସ୍ୱରୂପ ମୂଳ ଦ୍ୱାରକା ।

ଗୁଜରାତର୍ ମୂଳ ଦ୍ୱାରକାରେ (ହିନ୍ଦୁମାନଙ୍କର ଚାରୋଟି ମୁଖ୍ୟ ଧାର୍ମିକ ପୀଠରୁ ଗୋଟିଏ) ପାଞ୍ଚଟି କବର ବା ସମାଧି ଦେଖିବାକୁ ମିଳେ । ମୁସଲମାନମାନେ ଏହାକୁ ପଞ୍ଚପୀର (Pancha pirs) ବା ପାଞ୍ଚଟି ସନ୍ଥ ଭାବି ସବୁଜ ଚାଦର ସମର୍ପଣ କରୁଥିବାବେଳେ ହିନ୍ଦୁମାନେ ଏହାକୁ ପଞ୍ଚବୀର (Five warriors) ବୋଲି ବିଚାର କରି ହଳଦିଆ ଚାଦର ଚଢାଇଥାନ୍ତି ।

ମୁସଲମାନମାନଙ୍କର, ଅନେକ ସ୍ଥାନୀୟ ଦେବାଦେବୀଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନମାନେ ଅନୁସରଣ କରିଥାନ୍ତି । ସେଗୁଡିକ ମଧ୍ୟରୁ ପୁରୁଣା ଦିଲ୍ଲୀର ସୟଦବାବା, ବାରବାଙ୍କିର (ଉତ୍ତରପ୍ରଦେଶ) ଦେବ୍ ସରିଫ୍ ଏବଂ ଆଜମିର୍ ସରିଫ୍ (ରାଜସ୍ଥାନ) ।

ଧର୍ମୀୟ ଐକ୍ୟ ପ୍ରତିଷ୍ଠା ପାଇଁ ଭାରତରେ ବିଭିନ୍ନ ଭାବରେ ଥିବା ତୀର୍ଥସ୍ଥାନଗୁଡିକର ଭୂମିକାକୁ ଅସ୍ୱୀକାର କରାଯାଇନପାରେ । ଉତ୍ତରରେ ବଦ୍ରିନାଥ (ଉତ୍ତରାଞ୍ଚଳ), ଦକ୍ଷିଣରେ ରାମେଶ୍ୱରମ୍ (ତାମିଲନାଡୁ), ପୂର୍ବରେ ପୁରୀଧାମ (ଓଡ଼ିଶା) ଓ ପଶ୍ଚିମରେ ଦ୍ୱାରକା (ଗୁଜରାଟ୍) ଧର୍ମପୀଠଗୁଡିକ ସୂଚାଇ ଦେଇଥାଏ ଯେ ଭାରତ ହେଉଛି ଏକ । ଭାରତର ବିଭିନ୍ନ ସ୍ଥାନମାନଙ୍କରେ ବାରଟି ଶିବଲିଙ୍ଗ (ଜ୍ୟୋର୍ତିଲିଙ୍ଗ) ବିକ୍ଷିପ୍ତ ହୋଇ ରହିଅଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ତୀର୍ଥସ୍ଥାନମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ତିରୁପତି, ଆସାମର କାମାକ୍ଷାପୀଠ, ବିହାରର ଗୟା, ଜାମ୍ମୁର ବୈଷ୍ଣୋଦେବୀ, ରାଜସ୍ଥାନର ପୁଷ୍କର ଇତ୍ୟାଦି ଭାରତର ବିଭିନ୍ନ ପ୍ରାନ୍ତରର ଲୋକଙ୍କୁ ଗୋଟିଏ ଧର୍ମୀୟ ମନ୍ତ୍ରରେ ବାନ୍ଧି ରଖିଅଛି । ଆନ୍ଧ୍ରପ୍ରଦେଶ ପୁଟ୍ଟପର୍ତ୍ତିର ସତ୍ୟ ସାଇବାବା, ମହାରାଷ୍ଟ୍ରର ଶିରିଡିର ସାଇବାବା, ପଣ୍ଡିଚେରୀର



ଶ୍ରୀମା ଓ ଅରବିନ୍ଦଙ୍କୁ ମଧ୍ୟ ସମସ୍ତ ଭାରତୀୟ ଧର୍ମ, ଭାଷା ଓ ଆଞ୍ଚଳିକତା ଭେଦଭାବ ଭୁଲି ବିଶ୍ୱାସର ସହ ଭକ୍ତି କରିଥାନ୍ତି । ଏହାଛଡ଼ା ସ୍ଥପତିବିଦ୍ୟାର (architecture) ବିସ୍ମୟବସ୍ତୁ ଭାବେ ଆଗ୍ରାର ତାଜ୍‌ମହଲ୍, ଦିଲ୍ଲୀର ଜାମା ମସ୍‌ଜିଦ୍ ଓ ଲାଲକିଲ୍ଲା, ହାଇଦ୍ରାବାଦର ଚାର୍‌ମିନାର, ଲକ୍ଷ୍ନୌର ବଡା ଇମାମବରା ଇତ୍ୟାଦି ସବୁବର୍ଗର ଲୋକଙ୍କୁ ଆକର୍ଷିତ କରିଥାଏ । ଏଣୁ ଭାରତର ଏକତା ଯେ କେବଳ ରାଜନୈତିକ-ଭୌଗୋଳିକ ନୁହେଁ, ଏହା ମଧ୍ୟ ପ୍ରକୃତରେ ସାଂସ୍କୃତିକ ।

## ପାଠଗତ ପ୍ରଶ୍ନ ୨୪.୪

ତଳେ ଦିଆଯାଇଥିବା ଅନୁରୂପ ଶବ୍ଦଗୁଡିକୁ ଠିକ୍ କରି ଲେଖ ।

| | କ | ଖ |
|---|---|---|
| ୧. | ଆଜମିର ସରିଫ | ଲକ୍ଷ୍ନୌ |
| ୨. | ଇମାମବାରା | ଓଡ଼ିଶା |
| ୩. | ଶିରିଡି | ତାମିଲନାଡୁ |
| ୪. | କନ୍ୟାକୁମାରୀ | ରାଜସ୍ଥାନ |
| ୫. | ପୁରୀ | ମହାରାଷ୍ଟ୍ର |

## ତୁମେ ଏଥିରୁ କ'ଣ ଶିକ୍ଷା କଲ

- ଏହି ଅଧ୍ୟାୟରେ ତୁମେ ଭାରତ ଭଳି ଏକ ବିଶାଳ ରାଷ୍ଟ୍ରରେ ଏକତା ଓ ବିଭିନ୍ନତା ଉପରେ ଶିକ୍ଷା ଲାଭ କଲ ।
- ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି, ଜାତି ଏବଂ ସମୁଦାୟ ଥିବା ସତ୍ତ୍ୱେ ଭାରତ ଅତୀତରେ ଓ ବର୍ତ୍ତମାନ ସମୟରେ ମଧ୍ୟ ଏକତାକୁ ଧରି ଆସୁଅଛି ଓ ଭବିଷ୍ୟତରେ ମଧ୍ୟ ଏହିପରି ପ୍ରକ୍ରିୟା ଚାଲିଥିବ ।
- ଇତିହାସରୁ ଜଣାପଡେ ଯେ ବିଭିନ୍ନ ରାଜ୍ୟ ଏହି ପ୍ରକ୍ରିୟା ଦ୍ୱାରା ଅନେକ ସୁସ୍ଥ ସ୍ଥାପତ୍ୟବିଦ୍ୟା ଏବଂ ସାଂସ୍କୃତିକ ପରାମ୍ପରା (cultural heritage) ସୃଷ୍ଟି କରିପାରୁଥିଲେ ।
- ଆଜିକାଲି, ଆମର ବିଭିନ୍ନ ସଂସ୍କୃତି ଏବଂ ଭାଷା ସାରା ଭାରତରେ ବେଶ ଏକ ପରିଚୟ ସୃଷ୍ଟି କରିପାରିଛି ।
- ସାରା ପୃଥିବୀରେ ବିଭିନ୍ନ କ୍ଷେତ୍ରରେ ବିକାଶର ପରିଚୟ ଦେଇଥିବା ଭାରତକୁ ବିଶେଷ ସ୍ୱୀକୃତି ମିଳିପାରିଛି ।



## ପାଠ୍ୟାନ୍ତ ପ୍ରଶ୍ନାବଳୀ (Terminal Exercise)

୧. ବିଭିନ୍ନତା ମଧ୍ୟରେ ଏକତା କାହାକୁ କୁହାଯାଏ ?

୨. ଧର୍ମ ଭିତ୍ତିରେ ଭାରତରେ ଦେଖାଯାଉଥିବା ବିଭିନ୍ନତାଗୁଡିକ ଲେଖ ।

୩. ସଂକ୍ଷେପରେ "ମିଶ୍ରଣ ପାତ୍ର" (Melting pot)କୁ ବ୍ୟାଖ୍ୟା କର ।

୪. ବିଭିନ୍ନ ସମୁଦାୟଗୁଡିକର ପ୍ରକୃତି ସହ ସମନ୍ୱୟ ଉଦାହରଣ ସହ ଲେଖ ।

୫. ଭାରତରେ କେଉଁଭଳି ଭାବରେ ଏକତା ରକ୍ଷା କରାଯାଇଥାଏ ?

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର (Answer to intext Questions)

୨୪.୧ (୧) ଭୁଲ (୨) ଠିକ୍ (୩) ଭୁଲ୍ (୪) ଠିକ୍
(୫) ଭୁଲ

୨୪.୨ (୧) ଆଠଟି (୨) ଭାରତର ୮୩ ଭାଗ ଲୋକ ହିନ୍ଦୁ (୩) ଅଠର
(୪) ଚାରିଟି (୫) ବିଭିନ୍ନ ଜାତି ମଧ୍ୟରେ ଦ୍ରବ୍ୟ ଏବଂ ସେବାର ବିନିମୟ

୨୪.୩ (୧) ସାଂସ୍କୃତିକ (୨) କଳିଙ୍ଗ (୩) ଇଂରେଜ୍ (୪) ଦକ୍ଷିଣ

୨୪.୪ (୧) ରାଜସ୍ଥାନ (୨) ଲକ୍ଷ୍ନୌ (୩) ମହାରାଷ୍ଟ୍ର
(୪) ତାମିଲନାଡୁ (୫) ଓଡ଼ିଶା